## ସଂକ୍ଷେପରେ

### କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ଦାବିକଲା ଜିଲା ଜନମଞ୍ଚ

ରାଜକନିକା,୨୧।୩ (ଡି.ଏନ୍.ଏ.) କେନ୍ଦ୍ରାପଡ଼ା ଶିଳ୍ପବିହୀନ ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରବିବାର ଅଶୋକବଜାର ନୟନା ମଣ୍ଡପରେ ଜିଲା ଜନମଞ୍ଚ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପରିଡା ପୌରୋହିତ୍ୟ କରିଥିଲେ। ଏଥିରେ ରାଜକନିକା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଏସ୍.ଏନ୍. ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବୈକୁଣ୍ଠ ନାଥ ପରିଡ଼ା, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗୁଣନିଧି ବଳ, ପଟ୍ଟାମୁଣ୍ଡାଇ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କେନ୍ଦ୍ରାପଡ଼ା ଜିଲାରେ ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବା କହିଥିଲେ। ଜିଲାରେ କଲେଜ ପ୍ରତିଷ୍ଠା ହେଲେ ଡାକ୍ତର ଅଭାବ ପୂରଣ ହେବ। ଦଳମତ ନିର୍ବିଶେଷରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ଜଗବନ୍ଧୁ ରାଉତରାୟ, କୈଳାସ ବେହେରା, କପିଳ ଚରଣ ମିଶ୍ର, ଶରତ ପୃଷ୍ଟି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଡ. ଗୌରାଙ୍ଗ ବେହେରା ଧନ୍ୟବାଦ ଦେଇଥିଲେ।

### କଣ୍ଟିଲୋ କଂସା ପିତ୍ତଳ ବାସନକୁ ଜିଆଇ ମାନ୍ୟତା ପ୍ରୟାସ

ଖଣ୍ଡପଡା,୨୧।୩(ସ୍ୱ.ପ୍ର.): ଏକଦା ରାଜ୍ୟ ତଥା ବାହାରେ ପ୍ରସିଦ୍ଧିଲାଭ କରିଥିବା କଣ୍ଟିଲୋ କଂସା ପିତ୍ତଳ ବାସନକୁ ଜିଆଇ(ଜୋଗ୍ରାଫିକାଲ ଇଣ୍ଡିକେଶନ) ମାନ୍ୟତା ବା ଭୌଗୋଳିକ ମାନ୍ୟତା ଦେବା ଉଦ୍ଦେଶ୍ୟରେ ନୟାଗଡ ଜିଲା ପ୍ରଶାସନ ପ୍ରୟାସ ଆରମ୍ଭ ହୋଇଛି। ଏହିକ୍ରମରେ କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋରେ ଦୀର୍ଘ ଏକହଜାର ବର୍ଷରୁ ଉର୍ଦ୍ଧ୍ୱ କଂସା ପିତ୍ତଳ କାରିଗର ବାସ କରି ଆସୁଛନ୍ତି। ସେମାନଙ୍କ କୌଳିକ ବୃତ୍ତିକୁ ଆଦରି ନେଇ କଂସା ପିତ୍ତଳ ବାସନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏଠାକାର କଂସା ପିତ୍ତଳ ବାସନକୁ ଅନ୍ତର୍ଜାତୀୟସ୍ତରରେ ପ୍ରସାରିତ କରିବାକୁ ନୟାଗଡ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହାକୁ ବୁଦ୍ଧିଜୀବୀ ଓ କଂସାରୀ କାରିଗର ତଥା ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଜିଲାପାଳ ଡ. ପୋମା ଟୁଡୁଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ବୈଠକକୁ ଡେପୁଟି କଲେକ୍ଟର କୁଞ୍ଜବିହାରୀ ବଡଜେନା ସଂଯୋଜନା କରିଥିଲେ। ଭୁବନେଶ୍ୱରରୁ ଆସିଥିବା ରାଜ୍ୟ ସରକାରଙ୍କ ପ୍ରକଳ୍ପ ବିଜ୍ଞାନ ଓ କାରିଗରି ବିଭାଗର ସୁଶାନ୍ତ କୁମାର ରାଉତ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ କେତେକ ନୀତି ନିର୍ଦ୍ଧାରଣ ସହ ଯେଉଁ କାରିଗର ଏହି ଶିଳ୍ପରେ ନିୟୋଜିତ ସେମାନେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଲେ ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି କୁହାଯାଇଥିଲା। ଏଥିରେ ନିଖିଳ ଉତ୍କଳ କଂସାରୀ ସମାଜ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, ସମ୍ପାଦକ ମହେନ୍ଦ୍ର କୁମାର ମହାରଣା, ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ସାହୁ, ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ପ୍ରାଧାପକ ଡ. ପବିତ୍ର କୁମାର ସୁବୁଦ୍ଧି, ବରିଷ୍ଠ କାରିଗର ଦଣ୍ଡପାଣି ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଶିକ୍ଷକନେତା ସୁରେନ୍ଦ୍ରନାଥ ରଥଙ୍କ ପରଲୋକ

ପାଟକୁରା, ୨୧।୩(ଡି.ଏନ୍.ଏ.)- ଗରଦପୁର ବ୍ଲକ ପତିକିରା ଗ୍ରାମର ଶିକ୍ଷକ ନେତା ସୁରେନ୍ଦ୍ରନାଥ ରଥ (୬୭)ଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ୍ ଜଣାଶୁଣା। ଡେରାବିଶ ବ୍ଲକ ତେରମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ସହିତ ମିର୍ଜାପୁର ମହମ୍ମଦପୁର ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ନିଜ ଗ୍ରାମରେ କପିଳେଶ୍ୱର ମହାଦେବ ମନ୍ଦିର ଓ ରାଧାମୋହନ ମଠର ଟ୍ରଷ୍ଟି ସହ ନିମ୍ନ ମାଧମିକ ଶିକ୍ଷକ ସଂଘର ସଭାପତି ଭାବେ ବହୁଦିନ କାର୍ଯ୍ୟ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଜୟନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଆଇନମନ୍ତ୍ରୀ ପ୍ରତାପ ଜେନା, ବିଧାୟିକା ସାବିତ୍ରୀ ଅଗ୍ରୱାଲ, ପୂର୍ବତନ ବାଣିଜ୍ୟ କର କମିଶନର ପ୍ରେମାନନ୍ଦ ମିଶ୍ର, ସରପଞ୍ଚ ଦିଲୀପ ନାୟକ ପ୍ରମୁଖ ପରିବାରବର୍ଗଙ୍କୁ ଶୋକବାର୍ତ୍ତା ପ୍ରଦାନ କରିଥିଲେ।

# ସରୁନି ସଂଯୋଗୀକରଣ ରାସ୍ତା କାର୍ଯ୍ୟ

କେନ୍ଦ୍ରାପଡ଼ା ଅଫିସ, ୨୧।୩

**ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୯୩୧ ପ୍ରକଳ୍ପ**
- ଆପଦକାଳୀନ ବିପତ୍ତିରେ ହୀନସ୍ତା ଅଞ୍ଚଳବାସୀ
- ବର୍ଷା ପୂର୍ବରୁ ପ୍ରକଳ୍ପ ସାରିବାକୁ ଦାବି

ଓଡ଼ିଶା ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ରଖି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ମାତ୍ର ୧୭ ଗ୍ରାମକୁ ସଂଯୋଗୀକରଣ ରାସ୍ତା ନାହିଁ। ମନ୍ତ୍ରୀ ଜେନାଙ୍କର ଏହି ସୂଚନାକୁ ନେଇ ବୁଦ୍ଧିଜୀବୀ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଭୁଲ ତଥ୍ୟ ଦେଇ ବାହାବା ନେବାକୁ ଚେଷ୍ଟା କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୧୭ ପଞ୍ଚାୟତ ଓ ୬୦୦ରୁ ଅଧିକ ଗାଁକୁ ସଂଯୋଗୀକରଣ ରାସ୍ତା ନାହିଁ। ପ୍ରଧାନମନ୍ତ୍ରୀ ସଡ଼କ, ବିଜୁ ସଡ଼କ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଆଦିକୁ ବାଦ୍ ଦେଲେ କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଥିବା ଗ୍ରାମ୍ୟ ସଂଯୋଗୀକରଣ ରାସ୍ତାର ୨୯୩୧ ପ୍ରକଳ୍ପ କାର୍ଯ୍ୟ ସରିନାହିଁ। ରାସ୍ତା କାମ ସରି ନ ଥିବାରୁ ଆପଦକାଳୀନ ସମୟରେ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ବର୍ଷାଦିନ ପୂର୍ବରୁ ଗ୍ରାମାଞ୍ଚଳକୁ ସଂଯୋଗୀକରଣ ରାସ୍ତା କାମ ସାରିବାକୁ ସେମାନେ ଦାବି କରିଛନ୍ତି।

ବୁଦ୍ଧିଜୀବୀ ପ୍ରମୋଦ କୁମାର ସ୍ୱାଇଁ, ପ୍ରଭାତ କୁମାର ତ୍ରିପାଠୀ, ପ୍ରତାପ ଚନ୍ଦ୍ର ପାଢ଼ୀ, କ୍ଷିତୀଶ କୁମାର ସିଂହ, ପ୍ରଭାତ ରଞ୍ଜନ ଜେନା ପ୍ରମୁଖ କହିଛନ୍ତି, ସୁଦୃଢ଼ ଯୋଗାଯୋଗ ପଥ ଦେଶକୁ ସମୃଦ୍ଧଶାଳୀ କରିଥାଏ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ରାସ୍ତା ଉନ୍ନତୀକରଣ ଉପରେ ଜୋର ଦେଉଛନ୍ତି। ମାତ୍ର ବହୁ ସମୟରେ ପ୍ରଶାସନିକ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଲୋକେ ହୀନସ୍ତା ହେଉଛନ୍ତି। ଏହାର ଉଦାହରଣ ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତଠାରୁ ଆରମ୍ଭ କରି ଏକମାଣିଆ, ପଦନୀପାଳ, ବଡିଘର ଆଦି ୧୭ ପଞ୍ଚାୟତରେ ଦେଖିବାକୁ ମିଳିବ। ଏସବୁ ପଞ୍ଚାୟତକୁ ସେତୁ ନିର୍ମାଣ ହୋଇ ନ ଥିବା ଯୋଗୁ ସଡ଼କ ଯୋଗାଯୋଗ ପଥ ବନ୍ଦ ରହିଛି। ବର୍ଷା ଦିନେ ସ୍ଥାନୀୟ ଲୋକଙ୍କ ଡଙ୍ଗା ଏକମାତ୍ର ଭରସା। ପ୍ରସୂତି, ଅପପୁଷ୍ଟିର ଶିକାର ଶିଶୁଙ୍କୁ ଟିକାକରଣରେ ବିଫଳତା ଦେଖିବାକୁ ମିଳୁଛି। ସେହିପରି ଗ୍ରାମାଞ୍ଚଳରେ ଅଗ୍ନିକାଣ୍ଡ, ଆଇନ ଶୃଙ୍ଖଳା ପରିସ୍ଥିତି, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବିଦ୍ୟୁତ୍ ଆଦି କ୍ଷେତ୍ରରେ ସହାୟତା ଯୋଗାଇ ଦିଆଯାଇ ପାରୁନାହିଁ। ସିଂହଗାଁ ପଞ୍ଚାୟତ ପାଇଁ ୨୦୧୪, ବଡିଘର ଲାଗି ୨୦୧୬, ସିଓପଡ଼ା ବାମଣ୍ଡା ପାଇଁ ୨୦୦୩ରେ ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ସଡକପଥ ସମ୍ଭବ ହୋଇପାରି ନାହିଁ। ଚଳିତ ଆର୍ଥିକବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୯୯୦ଟି ଗ୍ରାମାଞ୍ଚଳ ସଡ଼କର ଉନ୍ନତୀକରଣ ପାଇଁ ପ୍ରସ୍ତାବ ଆସିଥିଲା। ଏଥିମଧ୍ୟରୁ ୨୯୩୧ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରି ନାହିଁ। ମାତ୍ର ୮୬୦ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ୭୪୭ ପ୍ରକଳ୍ପ ମଞ୍ଜୁରୀ ପାଇଛି। ୧୩୨୪ ପ୍ରକଳ୍ପ ମଞ୍ଜୁରୀ ଅପେକ୍ଷାରେ ଅଛି। ରାସ୍ତା ପ୍ରକଳ୍ପ କାର୍ଯ୍ୟକାରୀ କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ବ୍ଲକ ସବୁଠାରୁ ପଛରେ ପଡିଛି। ବ୍ଲକ ଅଞ୍ଚଳର ୧୩୬ ରାସ୍ତା ସଂଯୋଗୀକରଣ କାର୍ଯ୍ୟ ଚାଲିଥିବା ବେଳେ ୧୮୫ କାର୍ଯ୍ୟକାରୀ ପାଇଁ ମଞ୍ଜୁରୀ ପାଇଛି। ବ୍ଲକରେ ଧୋୟାଞ୍ଚଳ ଥିଲେ ମଧ ଜିଲା ପ୍ରଶାସନ ପକ୍ଷରୁ ୩୩୪ଟି ପ୍ରକଳ୍ପ କାର୍ଯ୍ୟ ପାଇଁ ଅଦ୍ୟାବଧି ମଞ୍ଜୁରୀ ମିଳିନି। ଆର୍ଥିକବର୍ଷ ଶେଷ ହେବାକୁ ୧୨ଦିନ ଥିବାବେଳେ ବର୍ଷାଦିନ ପୂର୍ବରୁ ଗ୍ରାମାଞ୍ଚଳ ରାସ୍ତାର ଉନ୍ନତୀକରଣ ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପିଡି ଦିଲୀପ କୁମାର ପରିଡାଙ୍କୁ ପଚାରିବାରେ ସମସ୍ତ ପ୍ରକଳ୍ପର ଡାଟା ଅଦ୍ୟାବଧି ପହଞ୍ଚି ପାରିନାହିଁ। ତେବେ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। କେତେକ ରାସ୍ତାର ନିର୍ମାଣ ସମୟରେ ଜମିଜମାକୁ ନେଇ ବିବାଦ ଦେଖାଦେଇଛି ବୋଲି ସେ କହିଛନ୍ତି।

# ଆଦିବାସୀଙ୍କ ଜାହେର ପର୍ବ ପାଇଁ ପୂଜା


ଆଦିବାସୀମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରୁଛନ୍ତି।

ମହାକାଳପଡ଼ା,୨୧।୩(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତ ଆଦିବାସୀ ବହୁଳ ଲୁଣିମାଠିଆ ଗ୍ରାମରେ ରବିବାର ପାରମ୍ପରିକ ଚୈତ୍ର ମାସର ମା' ଜାହେର ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପାରମ୍ପରିକ ପ୍ରଥା ଅନୁଯାୟୀ ନୂଆ ଶାଳ ଗଛ ଫୁଲ ଫୁଟିବା ପରେ ପୂଜାର୍ଚ୍ଚନା କରାଯାଇଥାଏ। ପରେ ମା'ଙ୍କ ନିକଟରେ ହାଣ୍ଡିଆ, ନାଲି ମାଈ କୁକୁଡା ଓ ବୋଦାକୁ ଅର୍ପଣ କରାଯାଇଥାଏ। ମା' ତଥା ମାରଂବୁରୁ ଲିଟ୍ ଠାକୁର ନିଜ ବାହନ ହାତୀ ଓ ଘୋଡ଼ାରେ ଜଙ୍ଗଲରେ ପରିଭ୍ରମଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଗାଁ ଓ ଆମ ଅଞ୍ଚଳର ଶ୍ରଦ୍ଧାଳୁ ମାନସିକ ପାଇଁ, କୌଣସି ରୋଗବ୍ୟାଧି ଓ କରୋନା ରୋକିବାକୁ ଏହି ପୂଜା କରାଯାଉଛି। ପୂଜା ବିଧି ପୂର୍ବରୁ ସୋରିଷ ତେଲ, ମେଥି ଗୁଣ୍ଡରେ ମା'ଙ୍କୁ ମାଜଣା କରାଯାଇଥାଏ। ପୂଜା ବିଧି ପରେ ଗୃହ ପ୍ରବେଶ ପୂର୍ବରୁ ମହିଳାମାନେ ପିଢ଼ାରେ ଗୋଡ଼ ଧୋଇ ଶାଳ ଫୁଲ ଓ ଚନ୍ଦନ ମଥାରେ ଲେପନ କରିଥାନ୍ତି। ପୂଜା ପରଦିନ ବର୍ଷର ପ୍ରଥମ ଦିନ କାନ୍ଧରେ ତୀର, କାଣ୍ଡ ଓ ଫାର୍ସା ଧରି ଶାଳ ଜଙ୍ଗଲକୁ ଯାଇ ଶିକାର କରିଥାଉ। ପରେ ପ୍ରଥମ ଶିକାରକୁ ମା'ଙ୍କ ନିକଟରେ ସମର୍ପଣ କରାଯାଇଥାଏ। ତେବେ ଏହି ଗ୍ରାମର ଆଦିବାସୀ ମୂଳ ମୟୂରଭଞ୍ଜ ଜିଲା ବାସିନ୍ଦା, ପରେ ଏହି ଅଞ୍ଚଳର ମା' ରାମଚଣ୍ଡୀଙ୍କ ପୀଠ ନିକଟରେ ପିଢ଼ି ପିଢ଼ି ବସବାସ କରି ଆସୁଥିବାରୁ ପ୍ରଥମେ ମା' ରାମଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରିବା ପରମ୍ପରା ରହିଛି ବୋଲି ଗ୍ରାମର ବରିଷ୍ଠ ମୁରବୀ ସୁକୁଲ ହାଁସଦା କହିଛନ୍ତି। ଏହି ମା'ଙ୍କ ପୂଜାବିଧିରେ ଗାଁର ସାଇବ ବାସ୍କେ, ଶ୍ରୀରାମ କିସ୍କୁ, ଭାନୁ ମାଝି, ମଦନ ବାସ୍କେ, ସଂଗ୍ରାମ ମୁର୍ମୁ, ସୁକୁଲ୍ ମାଝି, ଦେବେନ୍ଦ୍ର କିଷ୍ଟୁ,ଚନ୍ଦ୍ର ଟୁଡୁ, ରବୀନ୍ଦ୍ର ମାଝି ଓ ଚନ୍ଦ୍ର ମୁର୍ମୁ ପ୍ରମୁଖ ସାମିଲ ହୋଇଥିଲେ।

# 'ଉପକୂଳରେ ହେନ୍ତାଳ ବନ ସୃଷ୍ଟି କରାଯିବ'



ଅତିଥିମାନେ ବନ ସୁରକ୍ଷା ସହଯୋଗ କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରୁଛନ୍ତି।

**ବିଶ୍ୱ ବନ ଦିବସ**

କୁଜଙ୍ଗ,୨୧।୩ (ଡି.ଏନ୍.ଏ.)

କୁଜଙ୍ଗ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। କୁଜଙ୍ଗ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲର ପୁନରୁଦ୍ଧାର ଓ ନୂତନ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବାକୁ ଉପକୂଳରେ ହେନ୍ତାଳ ବନ ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି। ସ୍ୱତନ୍ତ୍ର ଅତିଥି ଭାବେ ଜଗତ୍‌ସିଂହପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମହାନ୍ତି ଯୋଗଦେଇ ମାନବ ସମାଜକୁ ବିଶ୍ୱବଳୟରୁ ବୃକ୍ଷ ହିଁ କେବଳ ରକ୍ଷା କରିପାରିବ ବୋଲି କହିଥିଲେ। ପାରାଦୀପ ଓ ଏହାର ସଂଲଗ୍ନ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧି ଯୋଗୁ ବାୟୁମଣ୍ଡଳରେ ପ୍ରଦୂଷଣ ବଢ଼ିଛି। ତେଣୁ ଶିଳ୍ପ ସଂସ୍ଥା, ବନ ବିଭାଗ ଓ ଲୋକେ ବିଶ୍ୱକୁ ରକ୍ଷା କରିବାକୁ ବୃକ୍ଷରୋପଣ ଲାଗି ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଜଙ୍ଗ ତହସିଲଦାର ଶ୍ରୁତିପ୍ରଜ୍ଞା ପ୍ରିୟଦର୍ଶିନୀ ଯୋଗଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ହେଉ କିମ୍ବା ମନୁଷ୍ୟକୃତ ଜଙ୍ଗଲ କ୍ଷୟ ହେବାରେ ଲାଗିଛି ବୋଲି କହିଥିଲେ। ଏହି ଅବସରରେ ବନ ସୁରକ୍ଷା, ସହଯୋଗ ଓ ବୃକ୍ଷରୋପଣ ଉପରେ ନିଜକୁ ଉତ୍ସର୍ଗୀକୃତ କରିଥିବା ୧୨ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ବନପାଳ ମଙ୍ଗଳ ହେମ୍ବ୍ରମ୍ ୩ ହଜାର କି.ମି.ରୁ ଉର୍ଦ୍ଧ୍ୱ ସାମୁଦ୍ରିକ ପାଟ୍ରୋଲିଂ କରି ଜଙ୍ଗଲକୁ ସୁରକ୍ଷା ଦେଇଥିବାରୁ ବିଭାଗ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ବନପାଳ ଜ୍ଞାନ ପ୍ରକାଶ ମହାନ୍ତି, ବନଜା ମହାପାତ୍ର, ଜାତୀୟ ସବୁଜ ବାହିନୀ ଜିଲା ସଂଯୋଜକ ଉତ୍କଳ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସତ୍ୟାନନ୍ଦ ନାଥ ଧନ୍ୟବାଦ ଦେଇଥିଲେ।

### ୫୪ ୟୁନିଟ୍ ରକ୍ତ ସଂଗ୍ରହ

ତିର୍ତ୍ତୋଲ, ୨୧।୩ (ଡି.ଏନ୍.ଏ.)
ତିର୍ତ୍ତୋଲ ବ୍ଲକ ସରଣୀ ଛକ ନିକଟ ଆନନ୍ଦ ମଣ୍ଡପ ପରିସରରେ ରବିବାର ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବରରେ ରକ୍ତଦାତାଙ୍କଠାରୁ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜଳ ସମ୍ପଦ ଓ ପିଆର ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଜଗତ୍‌ସିଂହପୁର ଜିଲା ଜୀବନବିନ୍ଦୁ ସଂଯୋଜକ ମଧୁସୂଦନ ସାହୁ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ଶ୍ରୀଅରବିନ୍ଦ ପାଠଚକ୍ର

ତିର୍ତ୍ତୋଲ,୨୧।୩ (ଡି.ଏନ୍.ଏ.)

ତିର୍ତ୍ତୋଲ ନିକଟ ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ ପରିସରରେ ୩ ଦିନିଆ ଶ୍ରୀଅରବିନ୍ଦ ପାଠଚକ୍ର ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୀରାରାଣୀ ବଳ ମାତୃ ସଙ୍ଗୀତ ଗାନ କରିଥିଲେ। ହେମନ୍ତ କୁମାର ଦାସ, ପ୍ରଭୁପ୍ରସାଦ ଦାସ ଓ ବାସୁଦେବ ନାୟକଙ୍କ ଉପସ୍ଥିତିରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ହୋଇଥିଲା। ଶିବିରରେ ଜିଲା ତଥା ଜିଲା ବାହାରର ବହୁ ଲୋକେ ଯୋଗଦେଇଛନ୍ତି।

# ମା'ସାତ ଭଉଣୀ ପରିବେଶ ବିକାଶ ସମିତିକୁ ଜଙ୍ଗଲ ସୁରକ୍ଷା ପୁରସ୍କାର

ନୟାଗଡ଼ ଅଫିସ/ଗଣିଆ, ୨୧।୩(ଡି.ଏନ୍.ଏ.)

ଜଙ୍ଗଲକୁ ଶିକାରୀଙ୍କ କବଳରୁ ଓ ନିଆଁ ଦାଉରୁ ରକ୍ଷା କରିଥିବା ନୟାଗଡ ଜିଲା ଗଣିଆ ବ୍ଲକ ମୁଦୁଲିଗାଡିଆ ଗାଁର ମା'ସାତ ଭଉଣୀ ପରିବେଶ ବିକାଶ ସମିତିକୁ ୨୦୧୯-୨୦ ଆର୍ଥିକ ବର୍ଷପାଇଁ ଜଙ୍ଗଲ ସୁରକ୍ଷା ପୁରସ୍କାର ମିଳିଛି। ଖଣ୍ଡଗିରିସ୍ଥ ଜୟଦେବ ବାଟିକାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ ଆରୁଖ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସରେ ଏହି ପୁରସ୍କାର ବାବଦରେ ୧ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରିଛନ୍ତି। ଅନ୍ୟାମାନଙ୍କ ମଧ୍ୟରେ ବନ ବିଭାଗର ସଚିବ ମୋନା ଶର୍ମା, ରାଜ୍ୟ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଶିଶିର କୁମାର ରଥ, ସହକାରୀ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓମ ପ୍ରକାଶ ସିଂ ଉପସ୍ଥିତ ଥିଲେ। ମୁଦୁଲିଗାଡିଆ ଗାଁର ମା'ସାତ ଭଉଣୀ ପରିବେଶ ବିକାଶ ସମିତ ୨୦୧୯-୨୦ ଆର୍ଥିକ ବର୍ଷରେ ସାତ କୋଶିଆ ସ୍ୟାଣ୍ଡ ରିସୋର୍ଟ ପରିଚାଳନା କରି ସର୍ବାଧିକ ୧ କୋଟି ୯ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରି ପୁରସ୍କୃତ ହୋଇଥିଲା ।

# ଭିଜନ-୨୦୨୪ କ୍ରିକେଟ୍ ଲିଗ୍ : ନୟାଗଡ଼ ରେଡ୍ ଚାମ୍ପିୟନ

ଖଣ୍ଡପଡ଼ା,୨୧।୩ (ସ୍ୱ.ପ୍ର.)

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଖଣ୍ଡପଡ଼ା କ୍ରିକେଟ କ୍ଲବର ମିଳିତ ସହଯୋଗରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଚାଲିଥିବା ଭିଜନ-୨୦୨୪ କ୍ରିକେଟ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ନୟାଗଡ଼ ରେଡ୍ ଟିମ୍ ଓ ନୟାଗଡ଼ ବ୍ଲୁ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ନୟାଗଡ଼ ବ୍ଲୁ ଟିମ୍ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ୨୭ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ କରିଥିଲା । ଜବାବରେ ନୟାଗଡ଼ ରେଡ୍ ଟିମ୍ ୧୦ ଓଭରରେ ୨ ଉଇକେଟ ହରାଇ ୧୨୭ ରନ କରି ଚାମ୍ପିୟାନ ହୋଇଥିଲା । ରେଡ ଟିମର ପ୍ରଶାନ୍ତ ରଣା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ । ମୁଖ୍ୟ ଅତିଥି ରୁପେ ପ୍ରକାଶ ରଥ, ଅନ୍ୟତମ ଅତିଥି ଭାବେ ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର ଓ ଯୁବ ଇଞ୍ଜିନିୟର ସୁରଜ ସିଂ ପ୍ରମୁଖ ଯୋଗଦେଇ ଚାମ୍ପିୟାନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ ।

# ଝାଟିମାଟି ଘରେ ବିତୁଛି ଜୀବନ

ନାଉଗାଁ,୨୧।୩(ସ୍ୱ.ପ୍ର.)

- ୩ ଥର ଆବେଦନ ସତ୍ତ୍ୱେ ସୁଫଳ ମିଳୁନାହିଁ
- ବାରମ୍ବାର ତଦନ୍ତ ହେଉଛି କିନ୍ତୁ ତାଲିକାରେ ନାଁ ଉଠୁନି

ଗରିବମାନଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାରଙ୍କ ତରଫରୁ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଅନ୍ତର୍ଗତ ଦହିପାଳ ଗ୍ରାମର ୨୩ ନମ୍ବର ୱାର୍ଡରେ ରହୁଥିବା ମିହିର ସେଠୀଙ୍କ ପରିବାର ଏଥିରୁ ବଞ୍ଚିତ ହୋଇଛନ୍ତି। ଗରିବ ଓ ଦଳିତ ପରିବାରର ହୋଇଥିବା ସତ୍ତ୍ୱେ ଆବାସ ଯୋଜନା ତାଙ୍କ ପାଇଁ ସାତ ସପନ ଭଳି ଲାଗୁଛି। ବାରମ୍ବାର ଏଥିରେ ଆବେଦନ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ।
ମିହିର ଜଣେ ଦିନ ମଜୁରିଆ ହୋଇଥିବାବେଳେ ପରିବାର କହିଲେ ସ୍ତ୍ରୀ ରେଣୁ, ୧୦ ବର୍ଷ ପୁଅ ଓ ୪ ବର୍ଷର ଝିଅକୁ ବୁଝାଏ। ଏହି ୪ ସଦସ୍ୟ ଏକ ବଖରା ବିଶିଷ୍ଟ ଝାଟିମାଟି ଚାଳଘରେ ରହୁଛନ୍ତି। ସେଠାରେ ରୋଷେଇ ହେବା ସହ ଗୃହପାଳିତ ପ୍ରାଣୀ ମଧ ବହୁ ସମୟରେ ରହିଥାନ୍ତି। ଦୁଆର ମୁହଁରେ କବାଟ ନ ଥିବା ବେଳେ କେବଳ ପଲିଥିନ୍ ଜରି ଲାଗିଛି। ଏଭଳିସ୍ଥିତିରେ ପକ୍କା ଘର ଖଣ୍ଡେ ପାଇଁ ବ୍ଲକ କାର୍ଯ୍ୟାଳୟଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୩ ଥର ଆବେଦନ କଲେଣି। ପ୍ରଶାସନିକ ଅଧିକାରୀମାନେ ତଦନ୍ତ ପାଇଁ ଆସୁଛନ୍ତି। କିନ୍ତୁ ତାଲିକାରେ ନାଁ ଆସୁନାହିଁ ବୋଲି ରେଣୁବାଳା କ୍ଷୋଭର ସହ କହିଛନ୍ତି। ଖରା, ବର୍ଷା, ଶୀତ ଓ କାକରରେ ପରିବାର ଲୋକେ ଏହି ଘରେ ବହୁ କଷ୍ଟରେ ଦିନ କାଟିଥାନ୍ତି। ସରକାରଙ୍କ ସହାୟତାରେ ମିହିର ଘର କରିବାକୁ ଆଶା ବାନ୍ଧି ବସିଛନ୍ତି। ମାତ୍ର କେବେ ତାଙ୍କୁ ଏହି ଯୋଜନାରେ ସାମିଲ କରାଯିବ ତାହା ଦେଖିବାକୁ ବାକି ରହିଲା। ଏ ବିଷୟରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାପାତ୍ର କୁହନ୍ତି, ୨୦୧୧ ଜନଗଣନା ଅନୁସାରେ ଯଦି କେହି ତାଙ୍କ ପରିବାରରୁ ଘର ପାଇଥିବେ ତାହେଲେ ସମସ୍ୟା ସୃଷ୍ଟି ହେଉଥିବ। ଏନେଇ ତଦନ୍ତ କରିବା ପରେ ଆଗାମୀ ପଦକ୍ଷେପ ନିଆଯିବ।

# ବଦନାମ କରିବାକୁ ଉନ୍ନୟନ କାମ ବନ୍ଦ

ନୟାଗଡ଼ ଅଫିସ,୨୧।୩:

**ଲକ୍ଷ୍ମୀପ୍ରସାଦ ସରପଞ୍ଚଙ୍କ ଅଭିଯୋଗ**

- ମନ୍ତ୍ରୀଙ୍କ ଚାପରେ କରାଯାଉଛି ହଇରାଣ
- ଆରଟିଆଇ ଉଠାଇଲେ ବିଲ୍ କରିବେ ବିଡିଓ

ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି। ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ ଥିବାରୁ ମୋତେ ବଦନାମ କରିବା ପାଇଁ ନୂଆ କାମ କରାଯାଉନାହିଁ କି ପୁରୁଣା କାମର ବିଲ୍ ହେଉନାହିଁ। ନୟାଗଡ଼ ବିଡିଓ ଉଦ୍ଦେଶ୍ୟମୂଳକ ଭାବେ ଉନ୍ନୟନ କାମ ବନ୍ଦ କରିଦେବାରୁ ଏପରି ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି ପରୀ ହତ୍ୟା ମାମଲାରେ ଚର୍ଚ୍ଚାକୁ ଆସିଥିବା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନ ରବିବାର ଅଭିଯୋଗ କରିଛନ୍ତି। ମୁଁ ମାଗିଥିବା ରାଇଟ ଟୁ ଇନ୍‌ଫରମେଶନ(ଆରଟିଆଇ) ଫେରାଇ ନେଲେ ବିଲ୍ ହେବ ବୋଲି ବିଡିଓ ରୋକ୍‌ଠୋକ୍ କହିଛନ୍ତି। ବିଡିଓଙ୍କ ଅସହଯୋଗର ରେକର୍ଡିଂ ସରପଞ୍ଚ ଗଣମାଧ୍ୟମକୁ ଦେଇଛନ୍ତି। ଏହା ପଛରେ ମନ୍ତ୍ରୀ ଅରୁଣ ସାହୁଙ୍କ ହାତ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ରହିଛି ବୋଲି ସେ କହିଛନ୍ତି।

ଗଣମାଧ୍ୟମକୁ ସରପଞ୍ଚ ପ୍ରଧାନ କହିଛନ୍ତି, ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ ଉନ୍ନୟନ କାମ ବନ୍ଦ କରିବାର କାରଣ ପରୀ ହତ୍ୟାକାଣ୍ଡ ସମ୍ପର୍କରେ ମୁଁ ମୁହଁ ଖୋଲିବା। ମୋର ବିବୃତି ମନ୍ତ୍ରୀ ଅରୁଣ ସାହୁଙ୍କୁ ଅଡୁଆରେ ପକାଇଥିଲା। ସେଥିପାଇଁ ମନ୍ତ୍ରୀଙ୍କ ଚାପରେ ନୟାଗଡ଼ ବିଡିଓ ମନୋଜ ପାତ୍ର ମୋ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ବିଡିଓଙ୍କୁ ସହଯୋଗ କରୁଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜେଇ। ମୋତେ ବିଦା କରିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସାଦା କାଗଜରେ ୱାର୍ଡମେମ୍ବରମାନଙ୍କ ଦସ୍ତଖତ ନେଇ ଅନାସ୍ଥାପ୍ରସ୍ତାବ ଆଗତ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏନେଇ ୱାର୍ଡମେମ୍ବରମାନଙ୍କୁ ପଚାରିବାରୁ ଭୋଜି ହେବାକୁ ଥିବାରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦସ୍ତଖତ ନେଇଥିବା କହୁଛନ୍ତି। ସେପଟେ ବିଡିଓ କହୁଛନ୍ତି ତୁମ ପଞ୍ଚାୟତରେ ଫାର୍ସ ଚାଲିଛି। ଆପଣଙ୍କ ନାଁରେ ଅଭିଯୋଗ ଅଛି। ମୁଁ ବିଡିଓଙ୍କୁ କହିଥିଲି ମୋ ନାଁରେ ଯଦି ଅଭିଯୋଗ ଆସିଛି ତେବେ ମୋତେ ପଦବୀରୁ କାଢ଼ି ଦିଆଯାଉ। କିନ୍ତୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରା ନ ଯାଉ। ସବୁ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଚାଲିଥିବାବେଳେ ମୋ ପଞ୍ଚାୟତରେ କାହିଁକି ବନ୍ଦ କରାଯାଇଛି। ବିଡିଓ ମୋ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁ ନାହାନ୍ତି। ପୁଣି ଠିକ୍ ସମୟରେ କାର୍ଯ୍ୟ ସମ୍ପାଦନ କରିବା ନେଇ ଜେଇ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତାଗିଦ୍ କରୁନାହାନ୍ତି। ଆମମାନଙ୍କ ଖଜଣାରେ ବିଡିଓ ଦରମା ନେଉଛନ୍ତି। ହେଲେ ଆମ ପଞ୍ଚାୟତକୁ ଅଣଦେଖା କରୁଛନ୍ତି। ଆମେ ଲୋକପ୍ରତିନିଧି ହୋଇଥିବାରୁ ଉନ୍ନୟନ କାମ ନ ହେଲେ ସ୍ୱର ଉତ୍ତୋଳନ ନ କରି କିପରି ଚୁପ୍ ରହିବୁ। ମୋତେ ହଇରାଣ କରିବାର କାରଣ ସରପଞ୍ଚ ଥିବାବେଳେ ପଞ୍ଚାୟତରେ ବିକାଶ ହୋଇପାରିନି। ମୁଣ୍ଡ ଉପରେ ନିର୍ବାଚନ ଥିବାରୁ ଉନ୍ନୟନମୂଳକ କାମର ବିଲ୍ ନ ହେଲେ ମୋର ଆଶା ଆଶାରେ ରହିଯିବ। ବିକାଶ ବାଟବଣା ହୋଇଯିବ। ଗଣମାଧ୍ୟମ ଦ୍ୱାରା କହିରଖୁଛି ମୋ ଅଭିଯୋଗର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରାଯାଉ। କାହିଁକି ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରାଯାଇଛି, ପଞ୍ଚାୟତ ଓ ବ୍ଲକରେ ଯେଉଁ ଅଧିକାରୀମାନେ ଅଛନ୍ତି ସେମାନେ କେତେ ବର୍ଷ ଧରି ଅଛନ୍ତି, ସେମାନଙ୍କ ଆକ୍ସନ ପ୍ଲାନ କ'ଣ ଅଛି ତା'ର ତଦନ୍ତ ହେଉ । ସେହି ଅଧିକାରୀମାନେ କ'ଣ କାମ କରିଛନ୍ତି ତା'ର ସମୀକ୍ଷା ହେଉ। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି।

ସରପଞ୍ଚ ପ୍ରଧାନଙ୍କ ଅଭିଯୋଗ ସଂକ୍ରାନ୍ତରେ ବିଡିଓ ପାତ୍ରଙ୍କୁ ପଚାରିବାରୁ ସେ ଆମ ପ୍ରଶ୍ନକୁ ଏଡାଇ ଯାଇଥିଲେ। ସେହିପରି ମନ୍ତ୍ରୀ ସାହୁଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ ।

## ଦୁର୍ଘଟଣାରେ ବାଇକ ଚାଳକ ମୃତ

**ନୟାଗଡ଼ ଅଫିସ:** ଦଶପଲ୍ଲା ଗଣିଆ ରାସ୍ତାର ଗଣିଆ କଲେଜ ନିକଟରେ ଶନିବାର ରାତି ପ୍ରାୟ୧୦ଟାରେ ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରମେଶ କୁମାର ରାଉତ (୪୫) । ଘର ଗଣିଆ ଥାନା ନାରାୟଣପ୍ରସାଦ ଗାଁରେ । ରମେଶ ଘରକୁ ଫେରୁଥିବାବେଳେ କୌଣସି ଏକ ଗାଡି ଧକ୍କାରେ ପ୍ରାଣ ହରାଇଥିଲେ । ଗଣିଆ ଥାନା ପୋଲିସ ମୃତଦେହ ଜବତ କରି ଦଶପଲ୍ଲା ଡାକ୍ତରଖାନାରେ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୧/୨୧) ରୁଜୁ ହୋଇ ତଦନ୍ତ ଚାଲିଛି ।

## ଆଜି କ'ଣ କେଉଁଠି

କେନ୍ଦ୍ରାପଡ଼ା

- ତୁଳସୀ କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ନାଟ୍ୟ ଉତ୍ସବ, ବାଲାବାବା ମନ୍ଦିର ପରିସର, ଗଣାମାହାଲ, କେନ୍ଦ୍ରାପଡ଼ା, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ବାଉଁଶ ବୁଦାରେ ନିଆଁ

**ବଡ଼ଚଣା, ୨୧।୩ (ଡି.ଏନ.ଏ.)-** ବଡ଼ଚଣା ଥାନା ଅନ୍ତର୍ଗତ ଗରଗାଲି ଗ୍ରାମର ବଲ୍ଲଭ ସାହୁଙ୍କ ବାଡ଼ିରେ ଶନିବାର ଅଗ୍ନିକାଣ୍ଡ ଘଟି ପ୍ରାୟ ୫୦ହଜାର ଟଙ୍କାର ବାଉଁଶ ପୋଡ଼ି ନଷ୍ଟ ହୋଇଯାଇଛି। ଚଣ୍ଡିଖୋଲରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପ୍ରାୟ ଦେଢ଼ଘଣ୍ଟା ପରିଶ୍ରମ କରିବା ପରେ ନିଆଁ ଲିଭିଥିଲା। ପାଖରେ ଥିବା ଚାଳ ଛପର ଘରେ ନିଆଁ ଲାଗିଯିବାର ଆଶଙ୍କା ଥିବାରୁ ଲୋକେ ଚାଳକୁ ଓହ୍ଲାଇ ଦେଇଥିଲେ।

### ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ

**ଯାଜପୁର ଟାଉନ,୨୧।୩ (ଡି.ଏନ.ଏ.)-** ଓଡ଼ିଶା ଅମଲା ସଂଘ ପକ୍ଷରୁ ରବିବାର ଯାଜପୁର ମୁଖ୍ୟଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯାଜପୁର ଜିଲା ଅମଲା ସଂଘ ସଭାପତି କମଳାକାନ୍ତ ନନ୍ଦ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସଭାପତି ଅରୁଣ କୁମାର ବଳିଆରସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଅମଲାମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଜ୍ଞାନରଞ୍ଜନ ଦାସ ଯୋଗଦେଇ ଅମଲାମାନେ ସମସ୍ତ କାର୍ଯ୍ୟ କରୁଥିବା ବେଳେ ଅଫିସର୍ ସବୁ ଶ୍ରେୟ ନେଇଥାନ୍ତି। ମାତ୍ର ଅମଲାମାନଙ୍କୁ ସରକାର ପ୍ରାପ୍ୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ାଇଥାନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ମହାପାତ୍ର, ବିଶ୍ୱଭୂଷଣ ମହାପାତ୍ର, ଗୁରୁଗୋବିନ୍ଦ ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଅମଲାମାନେ ଯୋଗଦେଇ ସେମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ।

### ଶଶିକାନ୍ତ ଶ୍ରେଷ୍ଠ ବନପାଳ

**ଚଣ୍ଡିଖୋଲ,୨୧।୩(ଡି.ଏନ.ଏ.)-** ବିଶ୍ୱ ବନଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ବନପାଳଭାବେ ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କୁ ପୁରସ୍କୃତ କରାଯାଇଛି। ରବିବାର ଜୟଦେବ ବାଟିକା ପରିସରରେ ଆୟୋଜିତ ଦିବସରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ସ୍ୱରୂପ ମାନପତ୍ର, ଉତ୍ତରୀୟ ଓ ପଦକ ପ୍ରଦାନ କରିଥିଲେ। ମହାବିନାୟକ ସଂରକ୍ଷଣ ଜଙ୍ଗଲ ସୃଷ୍ଟି କରିବା, ବାରୁଣାବନ୍ତ ପର୍ବତରେ ନୂତନ ଝରଣା ଆବିଷ୍କାର, ଗୋଟିଏ ବର୍ଷରେ ୩୫୦ରୁ ଉର୍ଦ୍ଧ୍ୱ ଗାଡି ଧରିବା, ଭିଜିଲାନ୍ସ ଓ ବନବିଭାଗର ମିଳିତ ଚଢ଼ାଉରେ ୧୦୦ ମାମଲା ରୁଜୁ ହେବା, କରୋନା ସମୟରେ ୩ହଜାର ପ୍ରବାସୀଙ୍କ ନିମନ୍ତେ ୧ଲକ୍ଷ ଶ୍ରମଦିବସ ସୃଷ୍ଟି, ସ୍ଥାନୀୟ ଲୋକଙ୍କ ସହାୟତାରେ ୬ ବନସୁରକ୍ଷା ସମିତି ଗଠନ, ମହାବିନାୟକ ଏବଂ ଓଲାଶୁଣୀ ପାହାଡ଼ରେ ଏକୋ ଟୁରିଜିମ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିବା ଅବସରରେ ବେହେରାଙ୍କୁ ଓଡ଼ିଶାର ଶ୍ରେଷ୍ଠ ଓ ଦକ୍ଷ ବନପାଳ ଭାବେ ପୁରସ୍କୃତ କରାଯାଇଛି।

### ବାବା ଈଶାନେଶ୍ୱର ହନୁମାନ ଚାଳିଶା ବଜରଙ୍ଗ ଦଳ ଶାଖା ଗଠିତ

**ରସୁଲପୁର,୨୧।୩(ଡି.ଏନ.ଏ.)-** ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତରେ ବାବା ଈଶାନେଶ୍ୱର ହନୁମାନ ଚାଳିଶା ବଜରଙ୍ଗ ଦଳ ଶାଖା ଗଠିତ ହୋଇଛି। ଓଡ଼ିଶା ଗୋ ସୁରକ୍ଷା ଅଭିଯାନ ପ୍ରମୁଖ କୃଷ୍ଣ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଶାଖାର ସଂଯୋଜକ ଭାବେ ଅମିୟ ରଞ୍ଜନ ସାହୁ, ସହସଂଯୋଜକ ମାୟାଧର ଦାସ, ସୂଚନା ଓ ସହାୟକ ପ୍ରମୁଖ ଉମେଶ ପଥାଳ, ଗୋରକ୍ଷା ପ୍ରମୁଖ ହଳଧର ନାୟକ, ସୁରକ୍ଷା ପ୍ରମୁଖ ସୁନାକର ବାରିକ, ବିଦ୍ୟାର୍ଥୀ ପ୍ରମୁଖ ପଙ୍କଜ ପଣ୍ଡା ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରିବା ସହ ଶାଖାରେ ସାମିଲ ହୋଇଥିବା ୫୦ରୁ ଉର୍ଦ୍ଧ୍ୱ ଯୁବକଙ୍କୁ ଦଳର ନୀତିନିୟମ ଅନୁପାଳନକରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଅକ୍ଷୟ ବଳ, ଅରବିନ୍ଦ ଦାସ, ଲକ୍ଷ୍ମୀଧର ପତି, ସମୀର ନାୟକ, ବାଦଲ ନାୟକ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ରାଜକିଶୋର ସାହୁ, କଳ୍ପତରୁ ପଣ୍ଡା, ଶ୍ରୀକାନ୍ତ ପ୍ରଧାନ, ହରିଶଙ୍କର ପାଣି, ଶରତ ସାହୁ, ଧର୍ମେନ୍ଦ୍ର ଗୁଇଁ ଓ ତ୍ରିଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କମୁଛନ୍ତି ଦର୍ଶକ, ବନ୍ଦ ହେଉଛି ସିନେମା ହଲ୍

**ରସୁଲପୁର,୨୧।୩ (ଡି.ଏନ.ଏ.)**



ବନ୍ଦ ହେବା ପୂର୍ବରୁ ଈଶ୍ୱର ସିନେମା ହଲ୍।

- ସ୍ୱପ୍ନ ପାଲଟିବ ରୂପେଲି ପରଦା
- କୁଆଖିଆରେ ବନ୍ଦ ହେଲାଣି ୨ ହଲ୍

ରସୁଲପୁର ବ୍ଲକ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ କୁଆଖିଆ ବାଜରରେ ତାରିଣୀ ଓ ଈଶ୍ୱର ନାମରେ ଥିବା ୨ଟି ସିନେମା ହଲ୍ ଏବେ ବନ୍ଦ ହୋଇଯାଇଛି। ଆଉ ଏକ ସିନେମା ହଲ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ନିର୍ମାଣାଧୀନ ଅବସ୍ଥାରେ ଭୂତକୋଠି ପାଲଟିଛି। ତାରିଣୀ ସିନେମା ହଲ ପ୍ରାୟତଃ ୨ଦଶନ୍ଧି ଧରି ବନ୍ଦ ହୋଇଥିଲା। ଫଳରେ ଈଶ୍ୱର ହଲ ଜରିଆରେ ଦର୍ଶକ ଚଳଚ୍ଚିତ୍ର ଦେଖୁଥିଲେ। ତେବେ ଏହି ସିନେମା ହଲ୍ ୨୦୧୯ରୁ ବନ୍ଦ ହୋଇଛି। ଏବେ ଜିଲାର ୪ଟି ବ୍ଲକର ଲକ୍ଷାଧିକ ଚଳଚ୍ଚିତ୍ର ପ୍ରେମୀଙ୍କୁ ରୂପେଲି ପରଦାରେ ସିନେମା ଦେଖିବା ସ୍ୱପ୍ନ ପାଲଟିବ। ଅଞ୍ଚଳର ଦର୍ଶକ ବଡ଼ ପରଦାରେ ଚଳଚ୍ଚିତ୍ର ଦେଖିବାକୁ ଇଚ୍ଛା କଲେ ଯାଜପୁର ରୋଡ, ଯାଜପୁର ଟାଉନ ବ୍ୟତୀତ ଜିଲା ବାହାରକୁ ଯିବାକୁ ପଡ଼ିବ। ଯାହାକି ସମ୍ଭବ ପର ମନେ ହେଉନାହିଁ। କୁଆଖିଆ ବଜାରର ସିନେମା ହଲ ବରୀ, ଯାଜପୁର, ଧର୍ମଶାଳା, କୋରେଇ, ରସୁଲପୁର ବ୍ଲକ ଭଳି ଗ୍ରାମାଞ୍ଚଳର ଲକ୍ଷାଧିକ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଉଥିଲା।

ବିଭିନ୍ନ ମେଳା ମହୋତ୍ସବ, ପର୍ବପର୍ବାଣିରେ ଏହିହଲରେ ବହୁ ଗହଳି ହେଉଥିଲା। ବିଶେଷକରି କୁଆଖିଆ ବଜାର ସିନେମା ହଲ୍‌କୁ ଗମନାଗମନ ସୁବିଧା ଥିବାରୁ ସବୁ ବର୍ଗର ଦର୍ଶକ ଏଠାକୁ ଆସୁଥିଲେ। ତେବେ ସିନେମାହଲ ବନ୍ଦ ହୋଇଯିବା ଦ୍ୱାରା ଦର୍ଶକ ନିରାଶ ହୋଇଛନ୍ତି। ଅନ୍ୟପକ୍ଷରେ ହଲ ବନ୍ଦ ହେବା ପଛରେ ବୈଦ୍ୟୁତିକ ଜ୍ଞାନକୌଶଳରେ ପରିବର୍ତ୍ତନ, ମୋବାଇଲ ନେଟ୍‌ୱାର୍କ ଜରିଆରେ ସହଜରେ ଓ କମ୍ ମୂଲ୍ୟରେ ମନୋରଞ୍ଜନ ଉପଲବ୍ଧ, ହଲ୍‌ରେ ଦର୍ଶକଙ୍କ ସଂଖ୍ୟା କମିବା, ଓଡ଼ିଆ ଚଳଚ୍ଚିତ୍ର ମୌଳିକତା ହରାଇବା, ଚଳଚ୍ଚିତ୍ର ନିର୍ମାଣ ଦାୟିତ୍ୱ ପୁଞ୍ଜିପତିଙ୍କ ହାତକୁ ଚାଲିଯିବା, ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଚଳଚ୍ଚିତ୍ର ବିକାଶ ଦିଗରେ ଉଚିତ୍ ପଦକ୍ଷେପ ନେବାରେ ବିଫଳତା, ସିନେମା ହଲ ମାଲିକମାନେ ବହୁ ଘାତପ୍ରତିଘାତରେ ହଲ ପରିଚାଳନା କରୁଥିଲେ ବି ସେମାନଙ୍କୁ ଠିକ୍ ସମୟରେ ପ୍ରୋତ୍ସାହନ ନ ଦେବା ଆଦି କାରଣ ରହିଥିବା ଅଭିଯୋଗ ହୋଇଛି। ଏସବୁ ପରେ ବ୍ୟସ୍ତବହୁଳ ଜୀବନ ଶୈଳୀରେ ସିନେମା ହଲକୁ ଯାଇ ସମୟ ଅପଚୟ ନ କରିବା ଭଳି ମାନସିକତା ମଧ୍ୟ ସିନେମା ହଲ ବନ୍ଦର ପ୍ରମୁଖ କାରଣ ବୋଲି କୁହାଯାଉଛି।

## ଏମାନେ କ'ଣ କୁହନ୍ତି...



"ଲାଭ ପାଇଁ ନୁହେଁ ବରଂ କଳାକୁ ଭଲପାଉଥିବା କାରଣରୁ ହଲକୁ ବଞ୍ଚାଇ ରଖିବାକୁ ବହୁ ପ୍ରୟାସ କରାଯାଇଥିଲା। ତେବେ ଏ ଦିଗରେ ସରକାରୀସ୍ତରରେ ହେଉ ଅବା ଚଳଚ୍ଚିତ୍ର ନିଗମ ପକ୍ଷରୁ କୌଣସି ସହାୟ୍ୟ ଓ ସହଯୋଗ ମିଳିଲା ନାହିଁ। ହଲର ଶୋରେ ଦର୍ଶକଙ୍କ ସଂଖ୍ୟାରେ ଅହେତୁକ କମ୍ ପରିଲକ୍ଷିତ ହେବାରୁ ସିନେମା ହଲ ବନ୍ଦ କରିବାକୁ ବାଧ ହେଲି। ସିନେମା ହଲ ଚାଲୁଥିବା ସମୟରେ ବଜାରର ବ୍ୟବସାୟୀଙ୍କ ବେପାର ଭଲ ହେଉଥିଲା। ହଲରେ କାମ କରୁଥିବା ଅପରେଟର ପରିବାର ପ୍ରତିପୋଷଣ କରିବାରେ ସକ୍ଷମ ହୋଇପାରୁଥିଲେ। ଏବେ ତାହା ପ୍ରଭାବିତ ହୋଇଛି।

**-ଅରୁଣ କୁମାର ସାହୁ, ଈଶ୍ୱର ସିନେମା ହଲ ମାଲିକ**



"ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର, ହଲରେ ସିନେମା ଦେଖିବା ସମୟ ସାପେକ୍ଷ ଓ ବ୍ୟୟବହୁଳତା ଯୋଗୁ ଦର୍ଶକ ହଲରୁ ମୁହଁ ଫେରାଉଛନ୍ତି। ଏଥିସହିତ ଗ୍ରାମାଞ୍ଚଳ ସିନେମା ହଲ୍‌ଗୁଡ଼ିକରେ ମୌଳିକ ସୁବିଧା ନ ଥିବା ଦେଖାଯାଉଛି। ଯାହାକି ଏବେକାର ଆଧୁନିକ ଚଳଣିର ଦର୍ଶକଙ୍କୁ ପସନ୍ଦ ହେଉନାହିଁ। ବିଭିନ୍ନ ସହରର ବଡ଼ବଡ଼ ସିନେମା ହଲରେ ଡିଜିଟାଲ ସାଉଣ୍ଡ୍ ସହ ଏୟାର କଣ୍ଡିସନ ବ୍ୟବସ୍ଥା ରହିଛି। ମାତ୍ର ଗ୍ରାମାଞ୍ଚଳ ସିନେମାହଲ୍‌ଗୁଡ଼ିକରେ ଏସବୁ ସୁବିଧା ନ ଥିବାରୁ ଦର୍ଶକ ହଲ୍‌ଯିବାକୁ ଏତେଟା ଇଚ୍ଛାପ୍ରକାଶ କରୁନାହାନ୍ତି।

**-ଲକ୍ଷ୍ମୀକାନ୍ତ ଶତପଥୀ, ଅଭିନେତା**



"ଓଡ଼ିଶା ସିନେମାର ଗୁଣାତ୍ମକମାନ ହ୍ରାସ, କାହାଣୀ, ସଙ୍ଗୀତ ଆଦିରେ ମୌଳିକତା ହରାଇବା, ଅନ୍ୟ ଭାଷାର ସିନେମାକୁ ଅନୁକରଣୀୟ ହୋଇପଡ଼ିବା ଓ ଦର୍ଶକଙ୍କ ରୁଚି ସମ୍ପନ୍ନ ସିନେମା ପ୍ରସ୍ତୁତ କରିବାରେ ବିଫଳତା ପାଇଁ ଓଡ଼ିଆ ସିନେମାରୁ ଦର୍ଶକ ମୁହଁ ଫେରାଉଛନ୍ତି। ଅନ୍ୟପକ୍ଷରେ ସିନେମା ହଲଗୁଡ଼ିକ କ୍ରମଶଃ ବନ୍ଦ ହୋଇଯାଉଛି। ଏଦିଗରେ ପରିବର୍ତ୍ତନ ହେବା ଆବଶ୍ୟକ। ଦର୍ଶକଙ୍କ ମନକୁ ଛୁଇଁଲା ପରି ସିନେମା ପ୍ରସ୍ତୁତ କରିବା ଦରକାର। ଏହାଛଡ଼ା ବର୍ତ୍ତମାନର ସମୟକୁ ଅନୁକରଣ କରି ସିନେମା ପ୍ରସ୍ତୁତ ହୋଇପାରିଲେ ତାହା ଦର୍ଶକଙ୍କ ମନକୁ ଛୁଇଁପାରିବ।

**-ବରଦା ପ୍ରସନ୍ନ ତ୍ରିପାଠୀ, ସିନେମା ନିର୍ଦ୍ଦେଶକ**



"ସିନେମା ଦେଖିବାର ମଜା ନିଆରା। ତେବେ ଟିକେଟର ଅହେତୁକ ମୂଲ୍ୟ ବୃଦ୍ଧି, ନୂଆ ସିନେମା ମାଧୁର୍ଯ୍ୟ ହରାଇବା ଓ ମୋବାଇଲରେ ଘରେ ବସି ନୂଆ ସିନେମା ଦେଖିବା ଯୋଗୁ ହଲର ଗୁରୁତ୍ୱ କମିଯାଇଛି। ଅନ୍ୟପକ୍ଷରେ ଯେଉଁ ପରିମାଣର ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ ହେଉଛି ସେହି ପରିମାଣରେ ଓଡ଼ିଆ ଚଳଚ୍ଚିତ୍ର ହେଉନାହିଁ। ସେଥିପାଇଁ ଓଡ଼ିଆ ସିନେମାପ୍ରତି ଆଗ୍ରହ କମିଯାଉଛି। ତେବେ ଓଡ଼ିଆ ସିନେମାଗୁଡ଼ିକ ପୁରୁଣା ଢାଞ୍ଚାରେ ଚାଲିଥିବାରୁ ଦର୍ଶକ ଏହାକୁ ଦେଖିବାକୁ ପସନ୍ଦ କରୁନାହାନ୍ତି। ଏଦିଗରେ ନିର୍ଦ୍ଦେଶକମାନେ ଦୃଷ୍ଟି ଦେଲେ ଓଡ଼ିଆ ସିନେମା ପୁଣି ଲୋକପ୍ରିୟ ହୋଇପାରିବ।

**-ସଞ୍ଜୀବ ସାମଲ, ସିନେମା ଦର୍ଶକ**

# ୟୁଜର୍ସ ଫି' ଆଦାୟକୁ ବଜାର କମିଟିର ବିରୋଧ

**ଯାଜପୁର ଟାଉନ୍, ୨୧।୩ (ଡି.ଏନ୍.ଏ.)**


ବୈଠକରେ ଯାଜପୁର ବଡ଼ବଜାର କମିଟି କର୍ମକର୍ତ୍ତା।

ଯାଜପୁର ପୌର ପ୍ରଶାସନ ପକ୍ଷରୁ ସଫେଇ ବାବଦରେ ୟୁଜର୍ସ ଫି' ଆଦାୟକୁ ଯାଜପୁର ବଡ଼ବଜାର କମିଟି ପକ୍ଷରୁ ବିରୋଧ କରାଯାଇଛି। ଉକ୍ତ ଫି' ଦିଆଯିବନାହିଁ ବୋଲି ୨ ଦିନ ତଳେ ଯାଜପୁର ବଡ଼ବଜାର ପୂଜା କମିଟି ମଣ୍ଡପଠାରେ ଆୟୋଜିତ ଏକ ଜରୁରୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୌର ପରିଷଦର ଆୟର ବିଭିନ୍ନ ଉତ୍ସ ରହିଛି। ତା' ତୁଳନାରେ ଲୋକଙ୍କୁ ପୌରସେବା ମିଳୁନାହିଁ। କୁସୁମାରେ ବୋଟ୍ ଚାଳନା, ମାଛଚାଷ, ଫିଲ୍ମ, ସିରିଏଲ ଓ ଆଲବମ ଶୁଟିଂରୁ ପୌର ପ୍ରଶାସନ ବିପୁଳ ଅର୍ଥ ରୋଜଗାର କରୁଛି। ଏହାସହିତ ଶପିଂମଲ, ନର୍ସିଂହୋମ୍, ଶିକ୍ଷାନୁଷ୍ଠାନ, ଶତାଧିକ ଛୋଟବଡ଼ ଦୋକାନରୁ ଟିକସ ସଂଗ୍ରହ କରାଯାଉଛି। ସେହିପରି ହୋଲ୍ଡିଂ ଟ୍ୟାକ୍ସ, ପାଣି ଟ୍ୟାକ୍ସ, ଟ୍ରେଡ ଲାଇସେନ୍ସ ଇତ୍ୟାଦିରୁ ବହୁ ଲକ୍ଷ ଟଙ୍କା ରୋଜଗାର ହେଉଛି। ଏସବୁ ସତ୍ତ୍ୱେ ସଫେଇ ବାବଦରେ ୟୁଜର୍ସ ଫି' ଆଦାୟ ଗ୍ରହଣୀୟ ନୁହେଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ଜାନୁୟାରୀରୁ ଏହି ୟୁଜର୍ସ ଫି' ଲାଗୁ କରାଯାଇଛି। ଘରର ପନିପରିବା ଚୋପା, ବଳକା ଖାଦ୍ୟ ସାମଗ୍ରୀ ଏବଂ ଅଳିଆ ଆବର୍ଜନା ସଂଗ୍ରହ ପାଇଁ ଦିନକୁ ଟଙ୍କାଏ ଏବଂ ମାସକୁ ୩୦ ଟଙ୍କା ହିସାବରେ ୟୁଜର୍ସ ଫି' ଆଦାୟ ହେଉଛି। ସେଭଳି ଉଠାଦୋକାନୀଙ୍କଠାରୁ ୯୦ ଟଙ୍କା, ସ୍ଥାୟୀ ଦୋକାନୀଙ୍କଠାରୁ ୧୫୦ ଟଙ୍କା, ବ୍ୟାଙ୍କ ଓ ମଲ୍‌ଗୁଡ଼ିକରୁ ୩ ଶହ ଟଙ୍କା ଆଦାୟ ଆରମ୍ଭ ହୋଇଛି। ଏନେଇ ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ୟୁଜର୍ସ ଫି' ଆଦାୟ ପାଇଁ ଆଦେଶ ରହିଛି। ଅନେକ ସ୍ଥାନରେ ଆଦାୟ କରାଗଲାଣି। ଏହାକୁ ନ ଦେବାପାଇଁ କୌଣସି ପୂଜା କମିଟି ଲିଖିତ ଭାବେ ଜଣାଇ ନାହାନ୍ତି।

# ରାଜ୍ୟ କରତକଳ ମାଲିକ ସଂଘର ନୂତନ କର୍ମକର୍ତ୍ତା

**ଧର୍ମଶାଳା,୨୧।୩ (ଡି.ଏନ.ଏ.)**

ରାଜ୍ୟ କରତକଳ ମାଲିକ ସଂଘ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ସଭାପତି ରତିକାନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ ପାଇଁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ସରୋଜ କୁମାର ମହାନ୍ତି, ସଭାପତି ରତିକାନ୍ତ ସାମଲ, ଉପସଭାପତି ଦିଲୀପ କୁମାର ଚଇନି, ସାଧାରଣ ସମ୍ପାଦକ ନରେନ୍ଦ୍ର ସାମଲ, ସହ ସମ୍ପାଦକ ପ୍ରତାପ ବିଶୋଇ, ସଙ୍ଗଠକ ସମ୍ପାଦକ ଅଜୟ ସାହୁ, ଅର୍ଥ ସମ୍ପାଦକ ବିକାଶ ରାଉତ, ଅର୍ଥ ସହସମ୍ପାଦକ ଭାବେ ନାରାୟଣ ମହାପାତ୍ର ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ବହୁ କରତକଳ ମାଲିକମାନେ ଯୋଗ ଦେଇଥିଲେ।

# ସଂଶୋଧନ ହେଲା ପୂର୍ତ୍ତବିଭାଗ ତୋରଣ

**ଧର୍ମଶାଳା,୨୧।୩ (ଡି.ଏନ.ଏ.)**

**କୃତଜ୍ଞତା ଜଣାଇଲେ ପୂର୍ବତନ ବିଧାୟକ**

ଧର୍ମଶାଳା ବ୍ଲକ ଜାରକା ଶାନ୍ତିବଜାରଠାରେ ପୂର୍ତ୍ତବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ତୋରଣର ତ୍ରୁଟି ସଂଶୋଧନ କରାଯାଇଛି। ଏହାକୁ ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇବା ସହ ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। ଏଥିସହିତ ଲାବଣ୍ୟ ଜିଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ତ୍ତବିଭାଗର ଏହି ତୋରଣ ମେ' ମାସରେ ଶାନ୍ତିବଜାର ଗୋଲେଇଛକଠାରେ ସ୍ଥାପନ କରାଯାଇଥିଲା। ଏଥିରେ ବିଶ୍ୱପ୍ରସିଦ୍ଧ ବୌଦ୍ଧକୀର୍ତ୍ତିରାଜି ଲାଙ୍ଗୁଡ଼ି, କାଏମା ସହିତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଯାଇ ନ ଥିଲା। ଧର୍ମଶାଳା ସିଏଚସି ସ୍ଥାନରେ ଧର୍ମଶାଳା ପିଏଚ୍‌ସି ସହିତ ଏକାଧିକ ତ୍ରୁଟି ଥିଲା। ଏହିତ୍ରୁଟିକୁ ସଂଶୋଧନ ପାଇଁ ଲାବଣ୍ୟ ତତ୍କାଳୀନ ଜିଲାପାଳ ରଞ୍ଜନ ଦାସ ଏବଂ ପାଣିକୋଇଲି ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଏନେଇ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ସେ ୧୩ ତାରିଖରେ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇଥିଲେ। ମନ୍ତ୍ରୀ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଟେଲିଫୋନ୍ ଯୋଗେ କଥା ହୋଇ ତୁରନ୍ତ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳ ସ୍ୱରୂପ ଶନିବାର ରାତିରେ ଏହା ସଂସୋଧିତ ହୋଇଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନରେନ ଜେନା କହିଛନ୍ତି, ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହା ସଂଶୋଧନ କରାଯାଇ ପୁନଶ୍ଚ ଅବସ୍ଥାପିତ କରାଯାଇଛି।

# ଓଡ଼ିଶାକୁ ମଦମୁକ୍ତ ପାଇଁ ଗାନ୍ଧୀ ସ୍ମୃତି ପଦଯାତ୍ରାରେ ଦାବି

**ଯାଜପୁର ଟାଉନ,୨୧।୩ (ଡି.ଏନ.ଏ.)**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନକୁ ଶହେ ବର୍ଷ ପୂର୍ତ୍ତି ଓ ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହିଅବସରରେ ଗ୍ଲୋବାଲ୍ ପିସ୍ ଫାଉଣ୍ଡେଶନ୍, ଉତ୍କଳ ସେର୍ବୋଦୟ ମଣ୍ଡଳ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ଓ ବରୀ ସେବାଘର ଆନୁକୂଲ୍ୟରେ ରବିବାର ଯାଜପୁରସ୍ଥିତ ଅଫିସର୍ସ କ୍ଲବ୍‌ଠାରେ ଡା.ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ବୁଦ୍ଧିଜୀବୀଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନିଶା ନିବାରଣ ଅଭିଯାନର ସଭାପତି ତଥା ବର୍ଷିୟାନ୍ ଗାନ୍ଧିବାଦୀ ନେତା ପଦ୍ମଚରଣ ନାୟକ ଯୋଗଦେଇ ଓଡ଼ିଶାକୁ ମଦମୁକ୍ତ କରିବାକୁଦାବିକରିଥିଲେ। ମୁଖ୍ୟବକ୍ତାଭାବେ ପ୍ରଫେସର ସୁଧୀର ଜେନା, ଶିକ୍ଷାବିତ କୁଳମଣି ଶୁକ୍ଳ ଗାନ୍ଧୀ ଓ ଯାଜପୁର ବିଷୟରେ ଆଲୋଚନା କରିଥିଲେ। ପଦଯାତ୍ରାର କାର୍ଯ୍ୟକ୍ରମର ଆବାହକ ସତ୍ୟରଞ୍ଜନ କର ଅତିଥି ପରିଚୟ, ରମାକାନ୍ତ ମଣ୍ଡଳ ସ୍ୱାଗତ ଭାଷଣ ଦେଇଥିବାବେଳେ କାହ୍ନୁଚରଣ ବେହୁରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ ସାମଲ, ପ୍ରଫେସର ଉଦୟନାଥ ପରିଡ଼ା, ନିତ୍ୟାନନ୍ଦ ମିଶ୍ର, ଗିରିଶ ମିଶ୍ର, ବିବେକାନନ୍ଦ ବିଶ୍ୱାଳ, ବିଶ୍ୱଜିତ୍ ମହାନ୍ତି ନାରାୟଣ ଦାଶ, ମନୋରମା ବିଶ୍ୱାଳ, ଭୂପତି ମଲ୍ଲିକ, ଭରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ପ୍ରକାଶଯୋଗ୍ୟ, ହରିଜନ ପଦଯାତ୍ରା ସମୟରେ ଗାନ୍ଧିଜୀ ବରୀ ଯାଜପୁର ରାସ୍ତା ଦେଇ ଭଦ୍ରକ ଯାଇଥିବା ସ୍ମୃତିକୁ ମନେପକାଇବା ଅବସରରେ ଏହି ପଦଯାତ୍ରା ସ୍ୱାଧୀନତା ସଂଗ୍ରାମର ଶହୀଦ ପୀଠ କାଇପଡ଼ା–କଳାମାଟିଆଠାରୁ ବାହାରି ଯାଜପୁର ଗାନ୍ଧୀଛକଠାରେ ପହଞ୍ଚିଥିଲା। ବର୍ଷିୟାନ ଗାନ୍ଧିବାଦୀ ନେତା ନାୟକଙ୍କ ନେତୃତ୍ୱରେ ପଦଯାତ୍ରା ହୋଇଥିଲା। ପଦଯାତ୍ରାକୁ ଅଭିମନ୍ୟୁ ସାଂସ୍କୃତିକ ପରିଷଦ, ଯାଜପୁର ରୋଟାରି କ୍ଲବ୍, ଇନରହ୍ୱିଲ୍ କ୍ଲବ ଓ ସ୍ୱରସୁଦ୍ଧା ସହ ଯାଜପୁର ଜିଲାର ବିଭିନ୍ନ ଅନୁଷ୍ଠାନ ସ୍ୱାଗତ କରିଥିଲେ।

# ଅତଲାପୁର ସରପଞ୍ଚଙ୍କ ବିରୋଧରେ ମେଳି

**ରସୁଲପୁର,୨୧।୩ (ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ଅତଲାପୁର ସରପଞ୍ଚ ପ୍ରଫୁଲ୍ଲ ସାହୁଙ୍କ ବିରୋଧରେ ପଞ୍ଚାୟତର ସଂଖ୍ୟାଲଘୁ ସମ୍ପ୍ରଦାୟ ମେଳି ହୋଇଛନ୍ତି। ସରପଞ୍ଚଙ୍କ ଦୁର୍ନୀତି କାର୍ଯ୍ୟକୁ ନେଇ ସେମାନେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେମାନେ ଦର୍ଶାଇଛନ୍ତି, ସରପଞ୍ଚ ଉନ୍ନୟନ କାର୍ଯ୍ୟରେ ମନୋନିବେଶ ନ କରି ନିଜର ଫାଇଦା ଥିବା କାର୍ଯ୍ୟକୁ ପ୍ରାଧାନ୍ୟ ଦେଉଛନ୍ତି। ଯଦ୍ୱାରା ସଂଖ୍ୟାଲଘୁ ବସ୍ତିର ଉନ୍ନତି ହୋଇପାରୁନାହିଁ। ଅଭିଯୋଗକୁ ବିଧାୟିକା ଗୁରୁତ୍ୱ ଦେବା ସହ ସରପଞ୍ଚଙ୍କୁ ନ ଜଣାଇ ବିଧାୟିକାଙ୍କ ପ୍ରତିନିଧି ପହଞ୍ଚି ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକମାନେ ବିଧାୟକଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସଙ୍କୁ ବସ୍ତିର କବର ସ୍ଥାନ, ମଦ୍ରସା, ବସ୍ତିର ମୁଖ୍ୟ ରାସ୍ତା ଦେଖାଇବା ସହ ବସ୍ତିବାସିନ୍ଦାଙ୍କ ଥିବା ନାନା ସମସ୍ୟା ଜଣାଇଥିଲେ। ବିଧାୟିକା ତାଙ୍କ ଉନ୍ନୟନ ପାଣ୍ଠିରୁ ଏସବୁର ଉନ୍ନତୀକରଣ କରିବେ ବୋଲି ପ୍ରତିନିଧି ଦାସ ବସ୍ତିବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏସବୁ କାର୍ଯ୍ୟ ସମୀକ୍ଷା ସମ୍ପର୍କରେ ସରପଞ୍ଚଙ୍କୁ ଅବଗତ କରା ନ ଯିବା ଘଟଣା ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ସରପଞ୍ଚ ସାହୁ ପୂର୍ବରୁ ବହୁ ଦୁର୍ନୀତିରେ ସମ୍ପୃକ୍ତ ରହିଥିବା ନେଇ ଅଭିଯୋଗ ହୋଇଛି। ବିଗତ ଦିନରେ ଏହାକୁ ନେଇ ସରପଞ୍ଚ ଓ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ବି ହୋଇଥିଲା। ଅନ୍ୟପକ୍ଷରେ ସାହୁ ୨ଥର ସରପଞ୍ଚ ହୋଇଥିବା ବେଳେ ପୂର୍ବତନ ବିଧାୟକ ଦେବାଶିଷ ନାୟକଙ୍କ ବ୍ଲକ ପ୍ରତିନିଧି ଥିଲେ। ସେ ଏବେ ମଧ୍ୟ ବ୍ଲକ ଯୁବ ବିଜେଡି ସଭାପତି ଅଛନ୍ତି। ଏନେଇ ସରପଞ୍ଚ ସାହୁ କହିଛନ୍ତି, ବିଧାୟିକାଙ୍କ ପ୍ରତିନିଧି ଆସିଥିବା ନେଇ ତାଙ୍କୁ ଜଣାଇ ନ ଥିଲେ। ସେ ଖବର ପାଇ ପହଞ୍ଚିଥିଲେ। ବିଭିନ୍ନ କାର୍ଯ୍ୟରେ ବିଧାୟିକାଙ୍କୁ ସହଯୋଗ କରୁଛନ୍ତି। ତେବେ କେତେଜଣ ଯୁବକ ସରପଞ୍ଚ ହେବା ନିଶାରେ ଏଭଳି କରୁଛନ୍ତି ବୋଲି ସେ ବୋଲି ମତ ରଖିଛନ୍ତି। ବିଧାୟିକାଙ୍କ ପ୍ରତିନିଧି କହିଛନ୍ତି, ପଞ୍ଚାୟତ ଲୋକଙ୍କ ଅଭିଯୋଗ ପାଇ ଆସିଥିଲେ। ତୁରନ୍ତ ସେମାନଙ୍କ ସମସ୍ୟା ସମାଧାନ ହେବ।

# ଖରସ୍ରୋତା ନଦୀ ଜଳସ୍ତର ହ୍ରାସ

**ସିଂହପୁର,୨୧।୩ (ଡି.ଏନ.ଏ.)**

**ନଦୀକୂଳିଆ ଲୋକଙ୍କ ଜୀବିକା ବିପଦରେ**

ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଉଣୁ ବିଲବାଡ଼ି, କୁଅ ଓ ପୋଖରୀ ଶୁଖିବା ସାଙ୍ଗକୁ ନଦୀଜଳସ୍ତର ଏବେ ନିମ୍ନଗାମୀ ହେବାକୁ ଲାଗିଲାଣି। ଫଳରେ ବିଞ୍ଝାରପୁର ଓ ଆଳି ବ୍ଲକର ନଦୀକୂଳିଆ ଜନବସତିଙ୍କ ଜୀବିକା ବିପଦରେ ପଡିଲାଣି। ପୂର୍ବରୁ ଖରସ୍ରୋତା ନଦୀରେ ବର୍ଷସାରା ପାଣିର ପତନରେ ହ୍ରାସ ପରିଲକ୍ଷିତ ହେଉ ନ ଥିଲା। ଯେଉଁଠି ଅଥଳ ପାଣି ରହୁଥିଲା ଏବେ ସେଠାରେ ବିସ୍ତୃତ ବାଲିପଠା ଦେଖାଯାଉଛି। ଏହି ଅଞ୍ଚଳର ନଦୀକୂଳିଆ ଲୋକେ ବିଭିନ୍ନ ଫସଲ କରୁଥିଲେ। ଏବେ ତାହା ହୋଇ ପାରୁନାହିଁ। ନଦୀକୂଳର ଅଧିକାଂଶ ସ୍ଥାନରେ ବାଲି ଥିବାରୁ ପାଣି ସମସ୍ୟା ଚାଷୀଙ୍କୁ ଘାରୁଛି। ଗ୍ରୀଷ୍ମ ଆରମ୍ଭରୁ ବିଞ୍ଝାରପୁର ବ୍ଲକର ସିଂହପୁର, ଓଳେଇ ଚନ୍ଦନପୁର, ବାଛୋଳ, ଫତେପୁର, କଲ୍ୟାଣପୁର, ଜରି, ବାଙ୍ଗରା ସହିତ ଆଳି ବ୍ଲକର ଗୋବିନ୍ଦପୁର, ଜୁଆଣିଆ, ଡିମିରିପାଳ, ଅରଗଳ, କେନ୍ଦୁଆପାଳ ଓ ଦେସାହି ପଞ୍ଚାୟତଗୁଡ଼ିକର ଲୋକେ ହିନସ୍ତା ଭୋଗିଲେଣି। ସାଧାରଣତ ନଦୀକୂଳିଆ ଲୋକେ ଗାଧୁଆ ପାଧୁଆ କରିଥାନ୍ତି। ଏବେ ନଦୀରେ ପାଣି କମିଯିବାରୁ ଅଣ୍ଟୁଏ ପାଣିରେ ଗାଧୋଇବା ସମ୍ଭବ ହେଉନାହିଁ। ସ୍ଥାନେସ୍ଥାନେ ନଦୀ ମଧ୍ୟରେ ଦୀର୍ଘବାଟ ଚାଲି ଆରପଟରେ ପାଣିଧାରକୁ ଯିବାକୁ ପଡୁଛି। ଖରସ୍ରୋତାକୁ ପୂର୍ବସ୍ଥିତିକୁ ଫେରାଇ ଆଣିବାକୁ ହେଲେ ତୁରନ୍ତ ଏହାର ଖନନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# 'ଜଙ୍ଗଲର ଦାୟିତ୍ୱ ନେବା ଆମ କର୍ତ୍ତବ୍ୟ'

**ନୟାଗଡ଼ ଅଫିସ,୨୧।୩**


ଜିଲାପାଳ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରୁଛନ୍ତି ।

ନୟାଗଡ଼ ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଜନ ସମ୍ମିଳନୀ କକ୍ଷରେ ରବିବାର ବିଶ୍ୱ ବନ ଦିବସ ପାଳିତ ହୋଇଛି । ଡିଏଫ୍‌ଓ ଧନରାଜ ଏଚ୍‌ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ପୋମା ଟୁଡୁ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଜିଲାପାଳ ଟୁଡୁ କହିଲେ, ଜଙ୍ଗଲ ଆମର ; ଆମେ ତା'ର ଦାୟିତ୍ୱ ନେବା। ଗଛ ଲଗାଇବା ଓ ଜୀବଜନ୍ତୁଙ୍କ ସୁରକ୍ଷା ଦେବା। ଡିଏଫ୍‌ଓ ଧନରାଜ କହିଲେ, ଜଙ୍ଗଲରେ ନିଆଁ ଲାଗିବା ଏକ ବଡ ବିପତ୍ତି ପାଲଟିଛି । ନୟାଗଡ଼ ବନଖଣ୍ଡର ୧୨୯୦ ଜଙ୍ଗଲରେ ନିଆଁ ଲାଗିଥିଲା । ଗତ ୫ ରୁ ୮ ତାରିଖ ମଧ୍ୟରେ ୮୦୦ ଜଙ୍ଗଲରେ ନିଆଁ ଲାଗିଥିଲା । ଆସନ୍ତା ୨ମାସ ମଧ୍ୟରେ ପୁଣି ନିଆଁ ଲାଗିବାର ଭୟ ରହିଛି । ବର୍ଷା ନ ଥିବାରୁ ଗଛ ପତ୍ରଝଡା ଦେଉଥିବାରୁ ଭୟ ବଢ଼ିଛି । ଲୋକଙ୍କ ସହଯୋଗ ଯୋଗୁ ନିଆଁ ଲିଭାଇବା ସହଜ ହୋଇ ପାରିଛି। ଏବେ ନିଆଁ ଲାଗିଲେ ଆମକୁ ତୁରନ୍ତ କଲ ଆସୁଛି । କେତେଜଣ ଶିକାରୀ ନିଆଁ ଲଗାଇବାର ପ୍ରମାଣ ମିଳିଛି ।

ସେମାନଙ୍କୁ ଗିରଫ କରାଯାଇଛି ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ମାଧୁରୀ ସାମଲ, ଏସିଏଫ୍ ଅରବିନ୍ଦ ମହାନ୍ତି ଓ ଶ୍ୱେତଲିନା ସାହୁ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକୃତି ବନ୍ଧୁ ପୁରସ୍କାର ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦର ଶ୍ରୀଧର ପ୍ରଧାନ, ନୂଆଗାଁ ବ୍ଲକ ବାହାଡାଝୋଲାର ନାରାୟଣ ସାହୁ, ଓଡ଼ଗାଁ ବ୍ଲକ ଆଙ୍ଗସିଙ୍ଗିର ସୁବାସ ଚନ୍ଦ୍ର ନାୟକ, ଭାପୁର ବ୍ଲକ ମାଣିବନ୍ଧର ରଘୁନାଥ ମହାପାତ୍ର, ଦଶପଲ୍ଲା ବ୍ଲକ ବାମ ଗାଁର ବିଭୀଷଣ ନାୟକ, ଖୋର୍ଦ୍ଧା ବନଖଣ୍ଡ ରଣପୁର ବ୍ଲକ କୁଳାସର ଗାଁର ବିଜୟ ମହାପାତ୍ର ପାଇଥିଲେ । ସେହିଭଳି ପ୍ରକୃତି ମିତ୍ର ସମ୍ମାନ ଓଡ଼ଗାଁ ବ୍ଲକ ସଂସ୍କାର ଚାରିଟେବୁଲ ଟ୍ରଷ୍ଟ, ଭାପୁର ବ୍ଲକ ସମ୍ବାଦ ସାହିତ୍ୟ ଘର, ଦଶପଲ୍ଲା ନୂଆଗାଁର ସାମୁହିକ ବିକାଶ ସମିତି, ଖୋର୍ଦ୍ଧା ବନଖଣ୍ଡ ରଣପୁର ବ୍ଲକର ଘାଟ ନିର୍ମାଣ ସେବା ସଂଘ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ପାଇଥିଲେ ।

